ଇସମାଇଲ ଅବଦୁଲ ଲତିଫ ଶେଖ୍

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟଜଣେ

ଫେବୃଆରୀ 29,1996

[ଏସ. ପି. ଭରୁଚା ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ଉପ-ଅଧିକ୍ଷକ ପଦବୀକୁ ପଦୋନ୍ନତି ସମ୍ବନ୍ଧୀୟ 1958ର ବମ୍ବେ ନିଷେଧ ଏବଂ ଅବକାରୀ ବିଭାଗ ନିୟମ :*

*ନିୟମ 3 - କନଷ୍ଟେବଳ - ଉପ-ଅଧିକ୍ଷକ ପଦବୀକୁ ପଦୋନ୍ନତି - ଶାରୀରିକ ପରିମାପର ଆବଶ୍ୟକତା - ଛାତିର ପରିମାପ ଆବଶ୍ୟକ ମାନକ ଠାରୁ କମ୍ ଥିବାରୁ ଅପିଲକାରୀଙ୍କୁ 1966 ରେ ପ୍ରତ୍ୟାଖ୍ୟାନ କରାଯାଇଥିଲା - 1970 ରେ ପଦୋନ୍ନତି ଦିଆଯାଇଥିଲା - ନିର୍ଣ୍ଣିତ, ଉପ-ଅଧିକ୍ଷକଙ୍କ କ୍ଷେତ୍ରରେ ଶାରୀରିକ ଆବଶ୍ୟକତା ସମ୍ବନ୍ଧୀୟ ନିୟମ ପ୍ରଯୁଜ୍ୟ ନୁହେଁ - ଅପିଲକାରୀଙ୍କୁ 1966 ରେ ପ୍ରତ୍ୟାଖ୍ୟାନ ତାରିଖ ଠାରୁ ପଦୋନ୍ନତି ପାଇଁ ବିବେଚନା କରାଯିବ - କାଳ୍ପନିକ ପଦୋନ୍ନତି କେବଳ ବରିଷ୍ଠତାର ଲାଭରେ ସୀମିତ ରହିବ ।*

ଅପିଲକାରୀ , ଉତ୍ତରଦାତା-ରାଜ୍ୟର ନିଷେଧ ଏବଂ ଅବକାରୀ ବିଭାଗର ଜଣେ କନଷ୍ଟେବଳ, 1966 ରେ ଉପ-ଅଧିକ୍ଷକ ପଦବୀକୁ ପଦୋନ୍ନତି ପାଇଁ ସାକ୍ଷାତକାର ନିଆଯାଇଥିଲା, କିନ୍ତୁ ତାଙ୍କ ଛାତିର ମାପ ଆବଶ୍ୟକ ମାନକଠାରୁ କମ୍ ବୋଲି ଦର୍ଶାଇ ତାଙ୍କୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । 1970 ମସିହାରେ ତାଙ୍କୁ ଉକ୍ତ ପଦବୀକୁ ପଦୋନ୍ନତି ଦିଆଯାଇଥିଲା । ତାଙ୍କର ପଦୋନ୍ନତି 1966 ମସିହାରୁ କାର୍ଯ୍ୟକାରୀ ହେବା ଉଚିତ ବୋଲି ତାଙ୍କର ଦାବି କରିବା ମହାରାଷ୍ଟ୍ର ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଏହି ଅଦାଲତରେ ଅପିଲରେ, ଅପିଲକାରୀଙ୍କ ପାଇଁ ଏହା ଯୁକ୍ତି କରାଯାଇଥିଲା ଯେ 1966 ରେ ତାଙ୍କର ପ୍ରତ୍ୟାଖ୍ୟାନ ଗ୍ରହଣୀୟ ନୁହେଁ କାରଣ 1958 ନିୟମ ଅନୁଯାୟୀ ଛାତିର ମାପ ସମ୍ବନ୍ଧରେ

କୌଣସି ଆବଶ୍ୟକତା ନାହିଁ; ଏବଂ ସରକାର କିଛି ବ୍ୟକ୍ତିଙ୍କୁ ପଦୋନ୍ନତି ପଦବୀରେ ରହିବାକୁ ଅନୁମତି ଦେଇଥିଲେ ଯଦିଓ ସେମାନେ ଆବଶ୍ୟକ ଉଚ୍ଚତା ତଳେ ଥିଲେ ।

ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ କଲେ :1.1. ଉପ-ଅଧିକ୍ଷକମାନଙ୍କ କ୍ଷେତ୍ରରେ ବସ୍ତୁଗତ ଆବଶ୍ୟକତା ସମ୍ବନ୍ଧୀୟ ନିୟମର କୌଣସି ପ୍ରୟୋଗ ନାହିଁ । 1958 ନିୟମାବଳୀର ନିୟମ 3ରେ ଉପ-ଅଧିକ୍ଷକମାନଙ୍କ ପାଇଁ ଯୋଗ୍ୟତା ଭାବରେ ଶାରୀରିକ ଆବଶ୍ୟକତା ବିଷୟରେ ଉଲ୍ଲେଖ କରାଯାଇ ନାହିଁ ।

1.2 ଏହା ବ୍ୟତୀତ, ସରକାର କେତେକ ବ୍ୟକ୍ତିଙ୍କୁ ଉପ-ଅଧିକ୍ଷକ ପଦବୀରେ ପଦୋନ୍ନତି ପାଇବାକୁ ଅନୁମତି ଦେଇଛନ୍ତି, ଯଦିଓ ସେମାନେ ଆବଶ୍ୟକ ଉଚ୍ଚତାଠାରୁ କମ୍, ଅପିଲକାରୀଙ୍କୁ ସମାନ ସୁବିଧା ଉପଲବ୍ଧ କରେଇବାକୁ ପଡିବ କାରଣ ତାଙ୍କ କ୍ଷେତ୍ରରେ ଶାରୀରିକ ଆବଶ୍ୟକତାରେ ସ୍ୱଳ୍ପ ହ୍ରାସ ସହିତ ଛାତି ଆବଶ୍ୟକ ପରିମାପର ନୁହେଁ ।

2. ଉପ-ଅଧିକ୍ଷକ ପଦବୀକୁ ଅପିଲକାରୀଙ୍କ ପଦୋନ୍ନତି 1966 ମସିହାରେ ତାଙ୍କ ପ୍ରତ୍ୟାଖ୍ୟାନ ତାରିଖ ଠାରୁ ବୋଲି ବିବେଚନା କରାଯିବ । ଏହି କାଳ୍ପନିକ ପଦୋନ୍ନତି କେବଳ ବରିଷ୍ଠତାର ଲାଭ ମଧ୍ୟରେ ସୀମିତ ରହିବ ।

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 5522/1994 ।

T.A.ସଂଖ୍ୟା 306/1991 ମହାରାଷ୍ଟ୍ର ପ୍ରଶାସନିକ ନ୍ୟାୟାଧିକରଣ, ବମ୍ବେର 15.6.93 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏ. ଏମ୍. ଖାନୱିଲକର ।

ଉତ୍ତରଦାତାମାନଙ୍କ ପାଇଁ ଏସ୍. ଏମ୍. ଯାଦବ ଏବଂ ଡି. ଏମ୍. ନାରଗୋଲକର ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ହଂସାରିୟା, ଅପିଲକାରୀ 1961 ମସିହାରେ ଜଣେ କନଷ୍ଟେବଳ ଭାବେ ନିଷେଧ ଏବଂ ଅବକାରୀ ବିଭାଗରେ ଯୋଗ ଦେଇଥିଲେ । ପରବର୍ତ୍ତୀ ପଦୋନ୍ନତି ହେଉଛି ଉପ-ଅଧିକ୍ଷକଙ୍କ ପଦବୀ । ପ୍ରକୃତରେ 1966 ମସିହାରେ ସେହି ପଦବୀ ପାଇଁ ତାଙ୍କର ସାକ୍ଷାତକାର ନିଆଯାଇଥିଲା, କିନ୍ତୁ ତାଙ୍କ ଛାତିର ମାପ ଏହି ପଦବୀରେ ରହିବା ପାଇଁ ଆବଶ୍ୟକ ମାନକଠାରୁ କମ୍

ଥିବାରୁ ତାଙ୍କୁ ପଦୋନ୍ନତି ଦିଆଯାଇ ନଥିଲା । ଶେଷରେ 1970 ମସିହାରେ ସେ ଉପଅଧିକ୍ଷକ ଭାବେ ପଦୋନ୍ନତି ପାଇଥିଲେ । ତେବେ ତାଙ୍କର ଅଭିଯୋଗ ହେଉଛି ଯେ ଏହି ପଦୋନ୍ନତି 1966 ମସିହାର ଅଟେ, କାରଣ ଉପରୋକ୍ତ ଆଧାରରେ ସେହି ବର୍ଷ ପଦୋନ୍ନତି ପଦବୀ ପାଇଁ ତାଙ୍କର ପ୍ରତ୍ୟାଖ୍ୟାନ ଦୁଇଟି କାରଣରୁ ଗ୍ରହଣୀୟ ନଥିଲା :(1) ଅନ୍ୟାନ୍ୟ ବିଷୟ ମଧ୍ୟରେ ମହାରାଷ୍ଟ୍ର ପ୍ରଶାସନିକ ନ୍ୟାୟାଧିକରଣଙ୍କ ନିର୍ଣ୍ଣୟରୁ ଏପରି କୌଣସି ଆବଶ୍ୟକତା ନାହିଁ, ଯାହା ଶଶୀକାନ୍ତ ଧାକୁ ଚୱାନଙ୍କ ମାମଲାରେ ସ୍ଥାନାନ୍ତର ଆବେଦନ ସଂଖ୍ୟା 278/1991 ରେ 27.8.1993 ରେ ଆଦେଶ କରାଯାଇଥିଲା, ଯେତେବେଳେ କି ନ୍ୟାୟାଧିକରଣକୁ ତାଙ୍କର ଆଭିମୁଖ୍ୟ ଶାରୀରିକ ଆବଶ୍ୟକତା ପୂରଣ କରିନଥିବା ଆଧାରରେ 15.6.1993 ର ଏକ ଆଦେଶ ଦ୍ୱାରା ଖାରଜ କରାଯାଇଥିଲା; ଏବଂ (2) ସରକାର ଏସ୍/ଶ୍ରୀ ଏସ୍. ଏଚ୍. ଅଭଦ ଏବଂ ଏସ୍. କେ. ଥୋରାଟଙ୍କୁ ପଦୋନ୍ନତି ପଦବୀରେ ରହିବା ପାଇଁ ଅନୁମତି ଦେଇଥିଲେ, ଯଦିଓ ସେମାନେ ଉଚ୍ଚତା ଠାରୁ କମ୍ ଥିଲେ ।

2. ଆମେ ଉଭୟ ଅଭିଯୋଗର ଯଥାର୍ଥତା ଦେଖୁଛୁ, କାରଣ ଉପ-ଅଧିକ୍ଷକମାନଙ୍କ କ୍ଷେତ୍ରରେ ଶାରୀରିକ ଆବଶ୍ୟକତା ସମ୍ବନ୍ଧୀୟ ନିୟମର କୌଣସି ପ୍ରୟୋଗ ନାହିଁ, ଯାହା ଚୱାନଙ୍କ ମାମଲାରେ ନ୍ୟାୟାଧିକରଣଙ୍କ ରାୟରୁ ଜଣାପଡ଼ିବ ।

ଚୱାନଙ୍କ ମାମଲାକୁ ଏହି ଆଧାରରେ ପୃଥକ କରାଯାଇପାରିବ ନାହିଁ ଯେ ସେ କିରାଣି ଶାଖାର ହୋଇଥିବାବେଳେ ଅପିଲକାରୀ  ସିପାହୀ ଶାଖାରେ ଥିଲେ, ଯାହା ରାଜ୍ୟ ପାଇଁ ବିଜ୍ଞ ଓକିଲଙ୍କ ଦ୍ୱାରା କରିବାକୁ ଚାହୁଁଥିଲେ, ଯେହେତୁ ଚହ୍ୱାନଙ୍କ ମାମଲାରେ ନ୍ୟାୟାଧିକରଣଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ନିୟମ 3 ଉପ-ଅଧିକ୍ଷକମାନଙ୍କ ପାଇଁ ଯୋଗ୍ୟତା ଭାବରେ ଶାରୀରିକ ଆବଶ୍ୟକତା ବିଷୟରେ ଉଲ୍ଲେଖ କରିନାହିଁ । ଏହା ବ୍ୟତୀତ, ସରକାର ଉପରୋକ୍ତ ଦୁଇ ଜଣ ବ୍ୟକ୍ତିଙ୍କୁ ଆବଶ୍ୟକ ଉଚ୍ଚତାଠାରୁ କମ୍ ଥିବା ସତ୍ତ୍ୱେ ଉପ-ଅଧିକ୍ଷକ ପଦବୀରେ ପଦୋନ୍ନତି ପାଇଁ ଅନୁମତି ଦେଇଛନ୍ତି, ଅପିଲକାରୀଙ୍କୁ ସମାନ ସୁବିଧା ଉପଲବ୍ଧ କରେଇବାକୁ ପଡିବ କାରଣ ତାଙ୍କ କ୍ଷେତ୍ରରେ ଶାରୀରିକ ଆବଶ୍ୟକତା ଅଭାବ ସହିତ ଛାତିର ମାପ ଆବଶ୍ୟକ ନୁହେଁ ।

3. ତେଣୁ ଅପିଲକୁ ଅନୁମତି ଦିଆଯାଇଛି ଏବଂ ଆମେ କହୁଛୁ ଯେ ଉପ-ଅଧିକ୍ଷକ ପଦବୀକୁ ଅପିଲକାରୀଙ୍କ ପଦୋନ୍ନତି 1966 ମସିହାରେ ତାଙ୍କ ପଦୋନ୍ନତି ପ୍ରତ୍ୟାଖ୍ୟାନ ହେବା ତାରିଖ ଠାରୁ ବୋଲି ବିବେଚନା କରାଯିବ । ଏହି କାଳ୍ପନିକ ପଦୋନ୍ନତି କେବଳ ବରିଷ୍ଠତାର ଲାଭ ମଧ୍ୟରେ ସୀମିତ ରହିବ, ଯେପରି ଉଚ୍ଚ ନ୍ୟାୟାଳୟ ରେ ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ

ଆବେଦନରେ ପ୍ରାର୍ଥନା କରାଯାଇଥିଲା, ଯାହା ସମାଧାନ ପାଇଁ ନ୍ୟାୟାଧିକରଣକୁ ସ୍ଥାନାନ୍ତର କରାଯାଇଥିଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଆର୍. ପି.

ଅପିଲକୁ ଅନୁମତି ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

କ୍ରିଷ୍ଣା ଦାଶ

ଅନୁବାଦିକା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।